# NATIONAL NEWS BULLETIN (ODIA)

## 11 August - 2026

## Evening Bulletin : 7.15 P.M.

********************************

## ମୁଖ୍ୟ ସମ୍ବାଦ

- ସଂସଦର ଅନୁମୋଦନ ଲାଭ କଲା ଟ୍ରିବୁନାଲ୍ ସଂସ୍କାର ବିଲ୍ ୨୦୨୬ ।

– କେରଳ ନାମ ପରିବର୍ତ୍ତନ ବିଲ୍ ଏବଂ ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ଲୋକସଭାରେ ପାରିତ ।

- ହର୍ ଘର ତିରଙ୍ଗା ଅଭିଯାନ ଅଧୀନରେ ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ ।

- ବୀରଳ ଖଣିଜ କରିଡ଼ର ପ୍ରସ୍ତାବ ସହ ବିଭିନ୍ନ ପ୍ରସଙ୍ଗ ନେଇ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ସହ ଆଲୋଚନା କଲେ ଓଡ଼ିଶାର ବିଭାଗୀୟ ମନ୍ତ୍ରୀ ।

ଏବଂ

- ଦେଶର ୯୬୭ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଏପର୍ଯ୍ୟନ୍ତ ଖରିଫ୍ ଫସଲ ଚାଷ ହୋଇଥିବା ନେଇ ସୂଚନା ଦେଲା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ।

## ଆର୍‌ଏସ୍-ଟ୍ରିବୁନାଲ୍ ବିଲ୍

ଟ୍ରିବୁନାଲ୍ ସଂସ୍କାର ବିଲ୍ ୨୦୨୬ ଆଜି ରାଜ୍ୟସଭାର ଅନୁମୋଦନ ଲାଭ କରିଛି । ଲୋକସଭାରେ ଏହି ବିଲ୍‌ଟି ପୂର୍ବରୁ ପାରିତ ହୋଇସାରିଛି । ରାଜ୍ୟସଭା ଅଧିବେଶନ ଆଜି ଦ୍ୱିତୀୟଥର ମୁଲତବୀ ପରେ ଅପରାହ୍ଣ ୨ଟାରେ ଆରମ୍ଭ ହେବା କ୍ଷଣି ଆଇନ୍ ଓ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିଲ୍‌ଟିକୁ ଆଗତ କରିଥିଲେ । ଟ୍ରିବୁନାଲ୍‌ରେ କାର୍ଯ୍ୟ ଦକ୍ଷତାକୁ ଅଧିକ ଉନ୍ନତ କରିବା ଏବଂ ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ପଦପଦବୀରେ ନିଯୁକ୍ତି, ପ୍ରଶାସନିକ କାର୍ଯ୍ୟ ଆଦି ପ୍ରସଙ୍ଗରେ ସଂସ୍କାର ଲକ୍ଷ୍ୟ ନେଇ ଏହି ବିଲ୍‌ରେ କେତେକ ପ୍ରସ୍ତାବ ରହିଛି । ଏକ ଜାତୀୟ ଟ୍ରିବୁନାଲ୍ କମିଶନ୍ ପ୍ରତିଷ୍ଠା କରିବାର ମଧ୍ୟ ବିଲ୍‌ରେ ବ୍ୟବସ୍ଥା ଥିବା ଶ୍ରୀ ମେଘୱାଲ କହିଛନ୍ତି । ବିଲ୍ ଆଲୋଚନାର ଉତ୍ତର ଦେଇ ସେ କହିଛନ୍ତି, ଦେଶରେ ଆଧୁନିକ ଏବଂ ସମାନ ଟ୍ରିବୁନାଲ୍ ଇକୋସିଷ୍ଟମ୍ ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ଏହି ବିଲ୍ ଆଗତ କରାଯାଇଛି । ସଂସ୍ଥାଗତ ସ୍ୱାଧୀନତା,

ସ୍ୱଚ୍ଛତା ଏବଂ ଦକ୍ଷତାକୁ ସୁଦୃଢ଼ କରିବାରେ ଏଥିରେ ଥିବା ବ୍ୟବସ୍ଥା ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ମେଘୱାଲ କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୧୫ ମସିହାରେ ସରକାର ଟ୍ରିବୁନାଲ୍ ସଂସ୍କାର ନେଇ ପ୍ରକ୍ରିୟା ଆରମ୍ଭ କରିଥିଲେ । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ପୂର୍ବରୁ ବିଲ୍ ଆଲୋଚନାରେ ବିଜେପିର ସୁବାସ ବରାଲା ଅଂଶଗ୍ରହଣ କରି କହିଥିଲେ, ଗତ ୧୧ ବର୍ଷ ମଧ୍ୟରେ ଦେଶରେ ଗ୍ରହଣ କରାଯାଇଥିବା ସଂସ୍କାର ମୂଳକ ପଦକ୍ଷେପଗୁଡ଼ିକୁ ଏହି ଆଇନ୍ ମାଧ୍ୟମରେ ପ୍ରୋତ୍ସାହନ ମିଳିବ । ବିଜେଡ଼ିର ଡକ୍ଟର ସସ୍ମିତ ପାତ୍ର ବିଲ୍‌ଟିକୁ ସମର୍ଥନ କରିଥିଲେ । ସେ କହିଛନ୍ତି, ଏହି ପଦକ୍ଷେପ ପ୍ରଶାସନିକ ସଂସ୍କାର ସହିତ ନ୍ୟାୟିକ ସ୍ଥାପତ୍ୟକୁ ପ୍ରତିପାଦନ କରୁଛି । ୧୬ଟି ଯାକ ଟ୍ରିବୁନାଲ୍ ସହିତ ଜାତୀୟ କମ୍ପାନୀ ଆଇନ୍ ଟ୍ରିବୁନାଲ୍‌କୁ ଏଥିରେ ସାମିଲ କରିବାକୁ ସେ ପରାମର୍ଶ ଦେଇଛନ୍ତି । ବିଲ୍ ଆଲୋଚନାରେ ବିଭିନ୍ନ ଦଳର ସଦସ୍ୟ ଅଂଶଗ୍ରହଣ କରିଥିଲେ । ଏହାପରେ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

# ଲୋକସଭା

କେରଳ ନାମ ପରିବର୍ତ୍ତନ ବିଲ୍ ୨୦୨୬ ଆଜି ଲୋକସଭାରେ ପାରିତ ହୋଇଛି । ସମ୍ବିଧାନର ପ୍ରଥମ ଅନୁସୂଚୀରୁ ରହିଥିବା କେରଳ ରାଜ୍ୟର ନାମକୁ କେରଳମ୍‌କୁ ପରିବର୍ତ୍ତନ କରିବା ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି । ଗତ ୨୦୨୪ ଜୁନ୍ ମାସରେ ଏ ସଂକ୍ରାନ୍ତ ପ୍ରସ୍ତାବ କେରଳ ବିଧାନସଭାର ଅନୁମୋଦନ ଲାଭ କରିଥିଲା । ଜାତୀୟ ସମବାୟ ବିକାଶ ନିଗମ ସଂଶୋଧନ ବିଲ୍ ମଧ୍ୟ ଆଜି ଲୋକସଭାରେ ପାରିତ ହୋଇଛି । ପ୍ରଚଳିତ ୧୯୬୨ ମସିହା ଆଇନ୍‌ରେ କେତେକ ସଂଶୋଧନ ନେଇ ଏହି ବିଲ୍‌ରେ ପ୍ରସ୍ତାବ ରହିଛି । ତେବେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ବିନା ଆଲୋଚନାରେ ବିଲ୍ ଦୁଇଟି ଗୃହର ଅନୁମୋଦନ ଲାଭ କରିଛି । ଅପରାହ୍ଣ ୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଏହି ବିଲ୍ ଦୁଇଟି ଅନୁମୋଦନ ଲାଭ କରିଥିଲା । ଏହା ପରେ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

ନିଟ୍ ପ୍ରସଙ୍ଗରେ ଛାତ୍ର ପ୍ରତିବାଦକାରୀଙ୍କ ଉପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ତଥା ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗୃହରେ ହଟ୍ଟଗୋଳ ଜାରି ରହିବାରୁ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ପରେ ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ।

ତେବେ ହଟ୍ଟଗୋଳ ଯୋଗୁଁ ଏହା ସମ୍ଭବ ନ ହେବାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

# ରିଜିଜୁ-ଅପୋଜିସନ୍

କଂଗ୍ରେସ ସମେତ ଅନ୍ୟ ବିରୋଧି ଦଳର ସଦସ୍ୟ  ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଛାତ୍ର ପ୍ରତିବାଦ ପ୍ରସଙ୍ଗ ନେଇ ସରକାର ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ଥିବାବେଳେ ବିରୋଧି ସଦସ୍ୟ ଏଥିପାଇଁ ଦୂରେଇ ରହୁଛନ୍ତି । ଏହି ପ୍ରସଙ୍ଗ ସହ ଜଡ଼ିତ ସମସ୍ତ ବିଷୟ ଉପରେ ବିସ୍ତୃତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ସଂକ୍ରାନ୍ତ ଏକ ପ୍ରସ୍ତାବ ଗତକାଲି ଗୃହରେ ଦିଆଯାଇଛି । ଏପରିକି ବିରୋଧିଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରସଙ୍ଗର ଉତ୍ତର ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରସ୍ତୁତ ଅଛନ୍ତି । ତଥାପି ବିରୋଧି ସଦସ୍ୟ ହଟ୍ଟଗୋଳ ମାଧ୍ୟମରେ ଗୃହ କାର୍ଯ୍ୟରେ ସହଯୋଗ କରୁନାହାନ୍ତି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

**V/O**

## ପିଏମ୍-ଇଣ୍ଡିପେଣ୍ଡେନ୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଆସନ୍ତା ସ୍ୱାଧୀନତା ଦିବସକୁ ଗର୍ବ ଓ ଗୌରବର ସହ ପାଳନ କରିବାକୁ ଅନୁରୋଧ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ସେୟାର୍ କରି ଶ୍ରୀ ମୋଦୀ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ପାଇଁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି । ବିକଶିତ ଭାରତ ଗଠନ ନେଇ ସମସ୍ତେ ପ୍ରତିଜ୍ଞା କରିବାକୁ ମଧ୍ୟ ସେ କହିଛନ୍ତି । ହର୍ ଘର୍ ତିରଙ୍ଗା ଅଭିଯାନ ଅଧୀନରେ ସମସ୍ତେ ନିଜ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ପ୍ରେସିଡେଣ୍ଟ-ସଙ୍ଗୀତ ନାଟକ ଏକାଡେମୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ଗୁରୁବାର ଦିନ ୨୦୨୪-୨୫ ବର୍ଷ ପାଇଁ ସଂଗୀତ ନାଟକ ଏକାଡେମୀ ଫେଲୋସିପ୍ ଓ ପୁରସ୍କାର ପ୍ରଦାନ କରିବେ । ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ସମାରୋହରେ ୧୧୫ ଜଣ କଳାକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ସଂସ୍କୃତି ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଦେଶର ବିଭିନ୍ନ ପ୍ରାନ୍ତରୁ ଫେଲୋସିପ୍ ତଥା ପୁରସ୍କାର ପାଇଁ କଳାକାର ମନୋନୀତ ହୋଇଛନ୍ତି । ଫେଲୋସିପ୍ ବାବଦରେ ୩ ଲକ୍ଷ ଟଙ୍କା ଏବଂ ଏକାଡେମୀ

ପୁରସ୍କାର ବାବଦରେ ତାମ୍ରପତ୍ର ଓ ଅଙ୍ଗବସ୍ତ୍ର ସହିତ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥାଏ ବୋଲି ମନ୍ତ୍ରଣାଳୟ କହିଛି । ଏହି ସମାରୋହରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଓ ସଂସ୍କୃତି ରାଷ୍ଟ୍ର ମନ୍ତ୍ରୀ ରାଓ ଇନ୍ଦ୍ରଜିତ ସିଂହ ଯୋଗଦେବେ ।

## ଜିତେନ୍ଦ୍ର-ଓଡ଼ିଶା

ଓଡ଼ିଶାର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆଜି ନୂଆଦିଲ୍ଲୀଠାରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବିରଳ ଖଣିଜ କରିଡ଼ର ପ୍ରସ୍ତାବ ଏବଂ ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଓ ଉପକୂଳ ସମ୍ପଦ ଜୈବ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମ୍, ମହାକାଶ ଦକ୍ଷତା ଏବଂ ବୈଜ୍ଞାନିକ ପ୍ରତିଷ୍ଠାନ ନେଟ୍ୱାର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ମନ୍ତ୍ରୀ ଶ୍ରୀ ପାତ୍ର ରାଜ୍ୟର ବିଭିନ୍ନ ପ୍ରସଙ୍ଗରେ ରହିଥିବା ପ୍ରସ୍ତାବଗୁଡ଼ିକ ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ସିଂହଙ୍କୁ ଅବଗତ କରାଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ଦେଶର ପୂର୍ବ ଉପକୂଳ ଅଞ୍ଚଳ ଆଣବିକ ଏବଂ ସାମୁଦ୍ରିକ ରୋଡ୍‌ମ୍ୟାପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ ମାଧ୍ୟମରେ ହେବାକୁ ଥିବା ଏହି ପଦକ୍ଷେପରେ ଓଡ଼ିଶା ଉପଯୁକ୍ତ ଭାବେ ସ୍ଥାନିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଆଲୋଚନା କାଳରେ ଭୁବନେଶ୍ୱର ସ୍ଥିତ

ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନର ସମ୍ପ୍ରସାରଣ ପ୍ରସ୍ତାବ ଚୂଡ଼ାନ୍ତ ହୋଇଛି । ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ୫୦ ଏକର ଜମି ଯୋଗାଇ ଦିଆଯିବ । ସାମୁଦ୍ରିକ ଜୈବ ପ୍ରଯୁକ୍ତିର ପ୍ରସାର, ସ୍ୱାସ୍ଥ୍ୟବିଜ୍ଞାନ ଭିତ୍ତିଭୂମିର ସୁଦୃଢ଼ିକରଣ, ଓଡ଼ିଶାର ଉପକୂଳ ଏବଂ ଖଣିଜ ସମ୍ପଦଗୁଡ଼ିକର ଅଧିକ ବ୍ୟବହାର ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଦୁଇ ନେତାଙ୍କ ମଧ୍ୟରେ ବୈଠକରେ ଆଲୋଚନା ହୋଇଥିବା ଜଣାପଡ଼ିଛି ।

## ଖରିଫ୍-କ୍ରପ୍ସ

ଚଳିତ ଋତୁରେ ୭ ତାରିଖ ସୁଦ୍ଧା ୯୬୭ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଖରିଫ୍ ଫସଲ ଚାଷ କରାଯାଇଥିବା କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସୂଚନା ଦେଇଛି । ସେଥିମଧ୍ୟରୁ ୩୪୪ ଲକ୍ଷ ହେକ୍ଟର ଜମିରେ ଧାନ ଏବଂ ୧୮୦ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ତୈଳବୀଜ ଫସଲ ଚାଷ ଅନ୍ତର୍ଭୁକ୍ତ । ୧୦୬ ଲକ୍ଷ ହେକ୍ଟରରୁ ଅଧିକ ଜମିରେ କପା ଚାଷ କରାଯାଇଥିବା ମନ୍ତ୍ରଣାଳୟ ସୂଚନା ଦେଇଛି । ଏଥିସହିତ ୧୬୮ ଲକ୍ଷ ହେକ୍ଟରରୁ ଅଧିକ ଜମିରେ ଶ୍ରୀଅନ୍ନ ଶସ୍ୟ, ୫୮ ଲକ୍ଷ ହେକ୍ଟରରୁ ଅଧିକ ଅଞ୍ଚଳରେ ଆଖୁ ଚାଷ ହୋଇଥିବା ମନ୍ତ୍ରଣାଳୟ କହିଛି ।

## ଝାଡ଼ଖଣ୍ଡ–ନକ୍ସଲ

ଝାଡ଼ଖଣ୍ଡର ସରଣ୍ଡା, କୋଲହାନ ଏବଂ କୋରାହଟ ବନଖଣ୍ଡକୁ ସମ୍ପୂର୍ଣ୍ଣ ନକ୍ସଲମୁକ୍ତ କରାଯାଇଛି । ପଶ୍ଚିମ ସିଂଭୂମ୍ ଜିଲ୍ଲା ପୁଲିସ୍ ଏହି ଘୋଷଣା କରିଛି । ଦୁର୍ଦ୍ଦାନ୍ତ ମାଓବାଦୀ ସାଲୁକା କାୟାମ୍‌ଙ୍କ ସମେତ ଅନ୍ୟ ୪ ଜଣ ସିଂଭୂମ୍ ରେଞ୍ଜ୍ ଡିଆଇଜି ଓ ଚଇବାସା ପୁଲିସ୍ କେନ୍ଦ୍ରଠାରେ ବରିଷ୍ଠ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିବା ପରେ ଏହି ଘୋଷଣା କରାଯାଇଛି । ସାଲୁକା କାୟାମ୍‌ଙ୍କ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ପୁଲିସ୍ କହିଛି, ଗତବର୍ଷକ ମଧ୍ୟରେ ୫୨ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଗୁଳିବିନିମୟରେ ୧୮ ଜଣ ନିହତ ହୋଇଥିବା ବେଳେ ୨୯ ଜଣଙ୍କୁ ଗିରଫ୍ କରାଯାଇଛି । କୁମ୍ବିଂ ଅପରେସନ୍ ବେଳେ ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି ।

## ଆର୍‌ବିଆଇ ଗଭର୍ଣ୍ଣର

କୃତ୍ରିମ ବୁଦ୍ଧିମତା ଆଧାରିତ ପଦକ୍ଷେପ, ଉତ୍ତର ଦାୟିତ୍ୱ ଏବଂ ଉପଭୋକ୍ତା ଅନୁକୂଳ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ସଂଜୟ ମାଲହୋତ୍ରା ବ୍ୟାଙ୍କ୍‌ଗୁଡ଼ିକୁ ପରାମର୍ଶ ଦେଇଛନ୍ତି । ମୁମ୍ବାଇ ଠାରେ ଫିବାକ୍ ୨୦୨୬ ସଂସ୍କରଣ ସମାବେଶକୁ ସମ୍ବୋଧନ କରି ସେ କହିଛନ୍ତି, କୃତ୍ରିମ ବୁଦ୍ଧିମତା ଉପଯୋଗ ମାଧ୍ୟମରେ ଦେଶରେ ବ୍ୟାଙ୍କ୍

ସେବାକୁ ଅଧିକ ସୁ-ବ୍ୟବସ୍ଥିତ ତଥା ତ୍ୱରାନ୍ୱିତ କରାଯାଇପାରିବ । ଆର୍ଥିକ କାରବାର, ଉପଭୋକ୍ତା ସେବା ଏବଂ ପରିଚାଳନା ତଥା ଠକେଇକୁ ପ୍ରତିହତ କରିବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଶ୍ରୀ ମାଲ୍‌ହୋତ୍ରା ଆଶାବ୍ୟକ୍ତ କରିଛନ୍ତି । ତେବେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଉପଯୋଗ ମାଧ୍ୟମରେ ହେଉଥିବା ସାଇବର ଠକେଇ ପ୍ରତି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଗବେଷଣା ଆଧାରିତ ତଥା ବୋର୍ଡର ଅନୁମୋଦିତ କୃତ୍ରିମ ବୁଦ୍ଧିମତା ନୀତିକୁ ପାଥେୟ କରି ବ୍ୟାଙ୍କ୍‌ଗୁଡ଼ିକ ନିଜସ୍ୱ କାର୍ଯ୍ୟକାରିତା ବୃଦ୍ଧି କରିବାକୁ ଶ୍ରୀ ମାଲହୋତ୍ରା ଆହ୍ୱାନ ଦେଇଛନ୍ତି ।